रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

राजभाषा खण्ड
विधायी विभाग
विधायी II अनुभाग
277/91
5/7/91

| | | | | | | |
|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 (SAKA) | VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 (ଶକ) | ଗ୍ରନ୍ଥଖଣ୍ଡ 1 |

## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ଆଇନ ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛି ମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣ୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍‌ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଚାଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍‌ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଵାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ବିବାହ ବିଧିମାନ୍ୟକରଣ ଅଧିନିୟମ, 1892

## 1892 ର ଅଧିନିୟମ ସଂ 2

### ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ର ଭାଗ VI ଅନୁଯାୟୀ ଅନୁଷ୍ଠିତ କେତେକ ବିବାହକୁ ବିଧିମାନ୍ୟ କରିବା ପାଇଁ ଏକ ଅଧିନିୟମ

[29 ଜାନୁଆରି, 1892]

**ଯେହେତୁ** ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ର ଭାଗ VI ରେ ଭାରତୀୟ ଖ୍ରୀଷ୍ଟିଆନ ହୋଇଥିବା ଦୁଇ ଜଣଙ୍କ ମଧ୍ୟରେ ବିବାହର ଯଥାବିଧି ଅନୁଷ୍ଠାନ ପାଇଁ ଉପବନ୍ଧ ହୋଇଅଛି । କିନ୍ତୁ ତନ୍ମଧ୍ୟରୁ କେବଳ ଜଣେ ଭାରତୀୟ ଖ୍ରୀଷ୍ଟିଆନ ଥାଇ ସେମାନଙ୍କର ବିବାହ ପାଇଁ ବ୍ୟବସ୍ଥା କରାହୋଇନାହିଁ ; 1872 ର 15

**ଓ ଯେହେତୁ** ଉକ୍ତ ଅଧିନିୟମର ଧାରା 9 ଅନୁଯାୟୀ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଗଣ ଭାରତର ବିଭିନ୍ନ ଭାଗରେ, ବିଧି ବିଷୟକ ଅଜ୍ଞତା ଯୋଗୁଁ, ଉକ୍ତ ଭାଗରେ ସେମାନଙ୍କ ଉପସ୍ଥିତିରେ ଜଣେ ଭାରତୀୟ ଖ୍ରୀଷ୍ଟିଆନ ସହିତ ଭାରତୀୟ ଖ୍ରୀଷ୍ଟିଆନ ହୋଇ ନ ଥିବା କୌଣସି ବ୍ୟକ୍ତିଙ୍କ ବିବାହ ସଂପନ୍ନ ହେବାକୁ ଅନୁମତି ଦେଇଅଛନ୍ତି ;

**ଓ ଯେହେତୁ** ସଦ୍‌ବିଶ୍ୱାସରେ ଅନୁଷ୍ଠିତ ହୋଇଥିବା ଉକ୍ତ ବିବାହ ବିଧିମାନ୍ୟ ହେବା ସମୀଚୀନ ଅଟେ ।

ତେଣୁ, ଏତଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

**1.** [ପ୍ରାରମ୍ଭ] ନିରସନକାରୀ ଓ ସଂଶୋଧନ ଅଧିନିୟମ, 1914 (1914 ର 10) ର ଧାରା 3 ଓ ଅନୁସୂଚୀ II ଦ୍ୱାରା ନିରସିତ ।

ସଂଜ୍ଞା

**2.** "ଭାରତୀୟ ଖ୍ରୀଷ୍ଟିଆନ" ଅଭିବ୍ୟକ୍ତିଟି ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ରେ ଯେଉଁ ଅର୍ଥରେ ବ୍ୟବହୃତ, ଏହି ଅଧିନିୟମରେ ତାହା ସେହି ଅର୍ଥରେ ବ୍ୟବହୃତ ହେବ । 1872 ର 15

ଅନିୟମିତ ବିବାହର ବିଧିମାନ୍ୟକରଣ ।

**3.** ବିବାହର ପାତ୍ର ପାତ୍ରୀଙ୍କ ମଧ୍ୟରୁ କେବଳ ଜଣେ ଭାରତୀୟ ଖ୍ରୀଷ୍ଟିଆନ ଥାଇ ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ର ଭାଗ VI ଅନୁଯାୟୀ ଯଥାବିଧି ଅନୁଷ୍ଠିତ ହୋଇଥିବା ସମସ୍ତ ବିବାହ ଉଭୟେ ଭାରତୀୟ ଖ୍ରୀଷ୍ଟିଆନ ଥାଇ ଯଥାବିଧି ବିବାହ ଅନୁଷ୍ଠିତ ହୋଇଥିବା ପରି ବିଧି ଅନୁଯାୟୀ ନିର୍ଦ୍ଦୋଷ ଓ ବୈଧ ହେବ :

ପରନ୍ତୁ ନ୍ୟାୟ ବିଚାରରେ ଅକାମୀ ଘୋଷିତ ହୋଇଥିବା କୌଣସି ବିବାହ ପ୍ରତି କିମ୍ବା ଯେଉଁ କ୍ଷେତ୍ରରେ ସେପରି ବିବାହର ଯଥାବିଧି ଅନୁଷ୍ଠାନ ପରେ ଓ ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଉଭୟ ପକ୍ଷଙ୍କ ମଧ୍ୟରୁ କୌଣସି ଗୋଟିଏ ପକ୍ଷ ଦ୍ୱାରା ଏକ ବିଧିମାନ୍ୟ ବିବାହ ପାଇଁ ଚୁକ୍ତି ହୋଇଥିବା ସେପରି କୌଣସି ବିଷୟ ପ୍ରତି ଏହି ଧାରାର କୌଣସି ବିଷୟ ପ୍ରଯୋଜ୍ୟ ହେବ ନାହିଁ ।

ଅନିୟମିତ ବିବାହ ଅଭିଲେଖର ବିଧିମାନ୍ୟକରଣ ।

**4.** ଯେଉଁ ବିବାହଗୁଡ଼ିକ ବିଧି ଦୃଷ୍ଟିରୁ ନିର୍ଦ୍ଦୋଷ ଓ ବିଧିମାନ୍ୟ ବୋଲି ପୂର୍ବଗାମୀ ଶେଷ ଧାରା ଦ୍ୱାରା ଘୋଷିତ ହୋଇଥାଏ ତାହାର ପ୍ରମାଣପତ୍ରଗୁଡ଼ିକ, ଓ ତତ୍କାଳ ପାଇଁ ବଳବତ୍ତର ଥିବା ବିଧି ଅନୁସାରେ ଦାଖଲ ହୋଇଥିବା ରେଜିଷ୍ଟର ବହି ଓ ତାହାର ଶୁଦ୍ଧ ଓ ଯଥାବିଧି ଅଧିପ୍ରମାଣିତ ଉଦ୍ଧୃତାଂଶର ପ୍ରମାଣିତ ନକଲମାନ ଯେ ପର୍ଯ୍ୟନ୍ତ ଉପରଲିଖିତ ବିବାହ ପ୍ରତି ସଂପର୍କ ସୂଚାଉଥାଏ ସେ ପର୍ଯ୍ୟନ୍ତ ଉକ୍ତ ରେଜିଷ୍ଟର ଓ ତାହାର ଉଦ୍ଧୃତାଂଶମାନ, ସେହି ବିବାହର ସାକ୍ଷ୍ୟ ଭାବରେ ଗୃହୀତ ହେବ ସତେ ଯେପରି କି, ଯଥାବିଧି ଅନୁଷ୍ଠିତ ସେହି ବିବାହର ପାତ୍ର ପାତ୍ରୀ ଭାରତୀୟ ଖ୍ରୀଷ୍ଟିଆନ ଅଟନ୍ତି ।

1865 ର ଅଧିନିୟମ 5 ଅନୁଯାୟୀ ହୋଇଥିବା ବିବାହ ପ୍ରତି ଅଧିନିୟମର ପ୍ରୟୋଗ ।

**5.** ଏହି ଅଧିନିୟମରେ ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ପ୍ରତି ପ୍ରସଙ୍ଗ ସୂଚନା ଗୁଡ଼ିକ ଯଥା ସମ୍ଭବ ପ୍ରୟୋଜନ ପ୍ରକାରେ ଭାରତୀୟ ବିବାହ ଅଧିନିୟମ, 1865ର ଅନୁରୂପ ଅଂଶଗୁଡ଼ିକ ପ୍ରତି ମଧ୍ୟ ପ୍ରଯୋଜ୍ୟ ହେଉଥିବା ପରି ବୁଝାଯିବ ।

1872 ର 15
1865 ର 5

ଅନିୟମିତ ବିବାହ ଅନୁଷ୍ଠାନ ପାଇଁ ଶାସ୍ତି ।

**6.** ଭାରତୀୟ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ବିବାହର ପ୍ରମାଣପତ୍ର ମଞ୍ଜୁର କରିବାକୁ ଉକ୍ତ ଅଧିନିୟମର ଧାରା 9 ଅନୁଯାୟୀ ଲାଇସେନ୍ସପ୍ରାପ୍ତ କୌଣସି ବ୍ୟକ୍ତି ଯଦି ଏହି ଅଧିନିୟମର ପ୍ରାରମ୍ଭ ପରେ କୌଣସି ସମୟରେ ଉକ୍ତ ଅଧିନିୟମର ଭାଗ VI ଅନୁଯାୟୀ କୌଣସି ବିବାହ ଯଥାବିଧି ଅନୁଷ୍ଠିତ କରନ୍ତି ବା ଯଥାବିଧି ଅନୁଷ୍ଠାନ କରିବାରେ ପ୍ରବୃତ୍ତ ହୁଅନ୍ତି ବା ସେପରି ଯଥାବିଧି ଅନୁଷ୍ଠିତ ହେବା ତାରିଖରେ ସେପରି ବିବାହ ବା ପ୍ରସ୍ତାବିତ ବିବାହର ଗୋଟିଏ ପକ୍ଷ ଖ୍ରୀଷ୍ଟିଆନ ନୁହନ୍ତି ବୋଲି ଜାଣି ତହିଁରେ ଉଲ୍ଲିଖିତ ଥିବା ସେପରି ପ୍ରମାଣପତ୍ର ମଞ୍ଜୁର କରନ୍ତି ତାହାହେଲେ ତାଙ୍କର ଲାଇସେନ୍ସ ରଦ୍ଦ ହୋଇଯାଇପାରିବ ଓ ତାହା ସହିତ ଉକ୍ତ ଅଧିନିୟମର ଧାରା 73 ଦ୍ୱାରା ପ୍ରତିଷିଦ୍ଧ ହୋଇଥିବା ଅପରାଧରେ ସେ ଦୋଷୀ ବୋଲି ବିବେଚିତ ହେବେ ଓ ତଦନୁସାରେ ଦଣ୍ଡନୀୟ ହେବେ ।

———